# ମିଳିତ ଓଡିଶା ନିଶାନିବାରଣ ଅଭିଯାନ (ମୋନା)

## Milita Odisha Nisha Nibaran Abhijan (MONNA)

(Registered under The Indian Trust Act – 1882 vide No.: 1081603503 / 2016)
H.O. : Plot No.-853/1431,Madhusudan Nagar, Unit – 4, (Pragati Nursing Home – 2nd Floor),
Bhubaneswar – 751001, (Odisha), M- 9437107427 E-Mail : monnaodisha@gmail.com
Website : www.monnaodisha.org


Ref. : MONNA / 2023-24/ Date : 16.12..2023

<u>ପ୍ରେସ୍ ବିଜ୍ଞପ୍ତି</u>

## ସରକାରଙ୍କର ନିଶାମୁକ୍ତି ଅଭିଯାନ ଏକ ପ୍ରବଂଚନା : ମୋନା

ଭୁବନେଶ୍ୱର ତା ୧୬/୧୨/୨୦୨୩ ଆଜି **"ମିଳିତ ଓଡିଶା ନିଶା ନିବାରଣ ଅଭିଯାନ"**ର ଗଣ ଧାରଣା ଭୁବନେଶ୍ୱରସ୍ଥ ଲୋୟର ପି. ଏମ୍. ଜି. ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଧାରଣାରେ ସରକାରଙ୍କ ଦ୍ୱାରା ଘୋଷିତ ନିଶାମୁକ୍ତି ଅଭିଯାନକୁ ଏକ ଂଚକତାପୂର୍ଣ୍ଣ ଯୋଜନା ବୋଲି କୁହାଯାଇଛି । ସରକାର ସାଧାରଣ ଜନତାଙ୍କୁ ଭକୁଆ ବନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଠିକ୍ ନିର୍ବାଚନ ପୂର୍ବରୁ ଗୋଟିଏ ପରେ ଗୋଟିଏ ଏହି ଭଳି ଯୋଜନା ଭେଳିକି ଦେଖାଇ ଭୋଟରଙ୍କୁ ବାଟବଣା କରି ଭୋଟ ହାତେଇବା ପ୍ରୟାସ କରିଥାନ୍ତି ବୋଲି ମୋନାର ସାଧାରଣ ସମ୍ପାଦକ କହିଛନ୍ତି । ଓଡିଶା ସରକାରଙ୍କର ସାଂପ୍ରତିକ ଅବକାରୀ ନୀତି ସମାଜ ବ୍ୟବସ୍ଥାକୁ ଧ୍ୱଂସ ମୁଖୀ କରିସାରିଛି । ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରକୁ ନିଶା ପ୍ରସାରଣ କରି ଭୂଲୁଣ୍ଠିତ କରାଯାଉଛି । କେତେକ ନିଶା ଦ୍ରବ୍ୟକୁ ସରକାର ଅନିଚ୍ଛାକୃତଭାବେ ନିଷେଧ ସତ୍ୱେ ଏସବୁ ପ୍ରବଳଭାବେ ବଜାରରେ ଉପଲବ୍ଧ । ବାସ୍ତବରେ ଏହାକୁ ସରକାର ନିଷିଦ୍ଧ କରବାକୁ କେତେ ତତ୍ପର ବା କେତେ ସଫଳ ସେକଥା କେବଳ ତାଙ୍କୁ ହିଁ ଜଣା । ସରକାର ସର୍ବସାଧାରଣ ସ୍ଥାନରେ ଏବଂ ସ୍କୁଲ, କଲେଜ, ଧର୍ମାନୁଷ୍ଠାନ ଆଦି ନିକଟରେ ଧୂମପାନକୁ ନିଷିଦ୍ଧ ଘୋଷଣା କରୁଥିବା ବେଳେ ସର୍ବସାଧାରଣ ସ୍ଥାନରେ ଏପରିକି ସ୍କୁଲ, କଲେଜ ଓ ଧର୍ମାନୁଷ୍ଠାନଠାରୁ ଅନତୀ ଦୂରରେ ମଦ ଦୋକାନକୁ ଲାଇସେନସ୍ ଦେବା ବା ଚଳାଇବାରେ ସହେଯାଗ କରିବା କେତେ ସମୀଚୀନ ତାହା ବିଚାର ଯୋଗ୍ୟ ।ଏହିଭଳି ସମୟରେ ଆଗାମୀ ନିର୍ବାଚନ ନିକଟବର୍ତୀ ହେଉଥିବା ବେଳେ ନିଶାମୁକ୍ତି ଭାରତ ଅଭିଯାନ ନାମରେ ସରକାର ଏକ ୨୮ ଜଣିଆ କମିଟି କରି ଜନତାଙ୍କୁ ଭକୁଆ ବନେଇବାକୁ ଚେଷ୍ଟା କରୁଛନ୍ତି ।

ଏହି କମିଟିରେ ପ୍ରଶାସନର କର୍ମଚାରୀ, ପୋଲିସ, କିଛି ସରକାରୀ ଅନୁଦାନ ପ୍ରାପ୍ତ ଏନ୍ ଜି ଓ, କିଛି ମନୋନୀତ ଧର୍ମୀୟ ସଂଗଠନର ପ୍ରତିନିଧିଙ୍କୁ ନେଇ କମିଟି ଗଠନ କରାଯାଇଛି । ବାସ୍ତବରେ ନିଶା ନିବାରଣ ପାଇଁ ଅହରହ କାମ କରୁଥିବା ସଂଗଠନ ବା ବ୍ୟକ୍ତି ବିଶେଷଙ୍କ ମଧ୍ୟରୁ କାହାରିକୁ ଏଭଳି କମିଟିରେ ନିଆ ନଯିବା ଏକ ଉଦ୍ଦେଶ୍ୟ ପ୍ରଣୋଦିତ କମିଟି ଭଳି ପ୍ରତିୟମାନ ହେଉଛି । ଆପଣମାନଙ୍କୁ ମନେ ପକାଇ ଦେବାକୁ ଚାହୁଁ ଯେ, ଗତ ନିର୍ବାଚନ ସମୟରେ ଯୁବକମାନଙ୍କୁ ଏହି ଭଳି 'ବିଜୁ ଯୁବ ବାହିନୀ' ନାମରେ ଏକ ସଂଗଠନ ଗଢି ନିଶା ନିବାରଣର ଶ୍ଳୋଗାନ ଦେଇଥିଲେ । ତଦ୍ୱାରା ସରକାରୀ ଖର୍ଚ୍ଚରେ ଯୁବକମାନଙ୍କୁ ସାମୟିକ ଭାବେ ପ୍ରତାରିତ କରାଯାଇପାରିଥିଲା । ଠିକ ସେହିଭଳି ଏଥର 'ନିଶାମୁକ୍ତି ଭାରତ ଅଭିଯାନ' ନାମରେ ପୁଣି ଏହା ଏକ ସୁଚିନ୍ତିତ ପ୍ରଚେଷ୍ଟା କରାଯାଉଛି । ତା'ନହେଲେ ସରକାର ଦିନକୁ ଦିନ ମଦ ପ୍ରସାରଣକୁ ବ୍ୟାପକ କରୁଥିବା ବେଳେ 'ନିଶାମୁକ୍ତ ଭାରତ ଅଭିଯାନ'ର ନାରା ଦେବା ଏକ ପ୍ରହସନ ଛଡା ଆଉ କଣ ହୋଇପାରେ ?

ସରକାର ଯଦି ସତରେ ନିଶା ନିବାରଣ କରିବାକୁ ଚାହିଁନ୍ତି, ସରକାର ବିଜ୍ଞପ୍ତି ପ୍ରକାଶ କରନ୍ତୁ ଯେ,

୧) ୧୯୫୬ ମସିହାରେ ପାରିତ ଓଡିଶା ସରକାରଙ୍କର ନିଶା ନିବାରଣ ଆଇନ ୨୦୨୪ ଅପ୍ରେଲ ପହିଲାଠାରୁ ସଠିକ କାର୍ଯ୍ୟକାରୀ କରାଯିବ ।

ଏହି କାର୍ଯ୍ୟକ୍ରମରେ ମୋନାର ସଭାପତି ଶ୍ରୀ ପଦ୍ମଚରଣ ନାୟକଙ୍କ ସମେତ କାହ୍ନୁ ଚରଣ ବେହୁରା, ମଳୟ ତ୍ରିପାଠୀ, ଅରୁଣ କୁମାର ସାଇଁ, ରମାକାନ୍ତ ମଣ୍ଡଳ, ଇନ୍ଦୁମତୀ ସାହୁ, ଅର୍ଜ୍ଜୁନୀ ସାମନ୍ତରାୟ,ଶୁଭେନ୍ଦୁ ରାଉତରାୟ, ଖଗେଶ୍ୱର ବଳ, ଗିତାଞ୍ଜଳି ସାଇଁ, ରାଜଶ୍ରୀ ବିଶ୍ୱାଳ, ସରୋଜ ମହାପାତ୍ର, ବିଷ୍ଣୁ ସାମନ୍ତରାୟ, ବିଜୟଲକ୍ଷ୍ମୀ ଦାସ, ପୁଷ୍ପଲତା ପଟ୍ଟନାୟକ, କନକଲତା ଭଞ୍ଜ, ମିନତି ପ୍ରହରାଜ, ନମିତା ସାହୁ, ବାସନ୍ତି ଆଚାର୍ଯ୍ୟଙ୍କ ସହ ମୋନାର ଶତାଧିକ କର୍ମକର୍ତା ଉପସ୍ଥିତ ରହି ଉକ୍ତ ଧାରଣକୁ ସଫଳ ରୂପାୟନ କରିଥିଲେ ।


ଅପର୍ଣ୍ଣା ନାୟକ

(ଶ୍ରୀମତୀ ଅପର୍ଣ୍ଣା ନାୟକ)

ସଚିବ, ମହିଳା ଶାଖା (ମୋନା)

ମୋ - ୯୪୩୭୧୦୭୪୨୭